# Akashvani, Sambalpur

## SAMBALPURI NEWS EVENING BULLETIN

**8 August 2024- 7.02 pm- 7.12 pm.**

*******************************************

୧- ରାଜ୍ୟର୍ ଭିନ୍ ଭିନ୍ ଜଲ୍ଭଣ୍ଡାର୍ ଆଉ ନଦୀ ନ ଜଲ୍ପ୍ରବାହ ଥିତି ବିପଦ୍ଜନକ୍ ଥିତିଥି ନାଇଁନ - କହେଲେ ଜଲସମ୍ପଦ୍ ବିଭାଗ୍ର ଅତିରିକ୍ତ ଶାସନ୍ ସଚିବ ।

୨- ଦେଶର୍ ପହେଲା ଅର୍ଣ୍ଣପୂର୍ତି ଶସ୍ୟ ଏଟିଏମ୍ ଭୁବ୍ନେଶ୍ୱର୍ ନ ଆଏଜ୍ଠାନୁ ହେଲା କାର୍ଯ୍ୟକ୍ଷମ ।

୩- ରାଏଜେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନ୍କର୍ ଲାଗି ସ୍ୱତନ୍ତ୍ର ଧନ୍ଦାମୂଲକ୍ ତାଲିମ୍ ଶିକ୍ଷାନୁଷ୍ଠାନ୍ ଖୁଲ୍ବାର୍କେ ପ୍ରସ୍ତାବ୍ ଦେଲେ ଜାପାନ୍ର ପ୍ରତିନିଧି ଦଲ୍ ।

୪- ଭାରତୀୟ ରିଜର୍ଭ ବେଙ୍କ୍ ୯ ନମ୍ବର୍ ଥର୍ ଲାଗି ନାଇଁ ବଦ୍ଲେଇ ରେପୋରେଟ୍ ।

ଆଉର୍

୫- ମୌସୁମୀ ପ୍ରଭାବ୍ଥି ରାଏଜେ ଲାଗି ରହିଛେ ବର୍ଷା ।

- ସମ୍ବଲପୁର୍, ସୁନ୍ଦର୍ଗଡ୍ ସହେତେ ୯ ଟା ଜିଲ୍ଲାକେ ପାଣିପାଗ ବିଭାଗ୍ ତର୍ଫୁ ସତର୍କ ସୂଚ୍ନା ।

ଅନୁ ଗର୍ଗ -ବନ୍ୟା ଥିତି ସମୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର ଭିନ୍ ଭିନ୍ ଜଲ୍‌ଭଣ୍ଡାର୍ ଆଉ ନଦୀ ନ ଜଳ ପ୍ରବାହ ଥିତି ଏଛେନ୍ ବିପଦଜ୍ଜନକ ଥିତିଥି ନାଇଁ ନ ବଲି ଜଳ ସଂପଦ ବିଭାଗର ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ କହିଛନ୍ । ଶ୍ରୀମତୀ ଗର୍ଗ ଆଏଜ୍ ସଖାଲ୍ ବେଲା ଭୁବନେଶ୍ୱର ସେଚ ସଦନ ଯାଇ କରି ସେନ ବନ୍ୟା ନିୟନ୍ତ୍ରଣ କକ୍ଷ ବୁଲି ଦେଖିବା ଉତ୍‌ରୁ ଇଟା କହିଛନ୍ । ଇତାର୍‌ସଙ୍ଗେ ଗୁଟେ ବୈଠକ୍ ଡାକି କରି ସେ ହୀରାକୁଦ ଆର୍ ରେଙ୍ଗାଲୀ ଜଲ୍ ଭଣ୍ଡାର୍ ସହେତେ ରାଜ୍ୟର ଅଲ୍‌ଗା ଭିନ ଭିନ୍ ନଦୀ ଅବବାହିକା ନ ଥିବା ବଡ୍, ମଧ୍ୟମ ଜଲ୍ ଭଣ୍ଡାର୍‌ର ଜଳସ୍ତର ଅନୁଧ୍ୟାନ କରିଛନ୍ । ଇ ସମିଆଥି ତାଙ୍କର୍ ସଙ୍ଗେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଆଉ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଭିନ୍ନ ଭିନ୍ନ ଜିଲ୍ଲା ନ ମୌସୁମୀ ଆର୍ ଲଘୁଚାପ ଜନିତ୍ ବର୍ଷା ଲାଗି ରହିଛେ । ଇଥିର୍‌ଲାଗି ନଦୀମାନ୍‌କେ ଜଲ୍‌ର ଥିତି ଉପରେ ନଜର ରଖିବାର୍‌କେ ସେ ସବୁ ଯନ୍ତ୍ରୀ ଆଉ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ । ସେଆଡେ ଆଏଜ୍ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୮ଟା ଗେଟ୍ ଦେଇ କରି ପାଏନ୍ ଛଡାଯାଉଛେ । ବୈଷୟିକ କମିଟିର ପରାମର୍ଶ ଅନ୍‌ସାରେ ହୀରାକୁଦ୍ ସହେତେ ଭିନ୍ ଭିନ୍ ଜଲ୍‌ଭଣ୍ଡାର୍ ନ ଜଲ୍ ଥିତି ବଜାୟ ରଖିବାର୍ ଉପ୍‌ରେ ଶ୍ରୀମତୀ ଗର୍ଗ ଜୋର୍ ଦେଇଛନ୍ । ବିଭାଗର ଏସ୍‌ଓପି ଅନ୍‌ସାରେ କ୍ଷେତ୍ରସ୍ତରୀୟ

ଅଧିକାରୀମାନ୍‌କୁ ସତର୍କ ରହି କରି କାମ୍ ପରିଚାଲ୍‌ନା କର୍‌ବାର୍‌କେ ସେ ଭିଲ୍ ନିର୍ଦ୍ଦେଶ ଦେଇଛନ୍ ।

ଶସ୍ୟ ଏଟିଏମ୍        ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ପହେଲା ଅର୍ଦ୍ଧପୂର୍ତି ଶସ୍ୟ ଏଟିଏମ୍ ଭୁବ୍‌ନେଶ୍ୱର୍‌ର ମଂଚେଶ୍ୱର୍ ଠାନେ ଆଏଜ୍‌ଠାନୁ କାର୍ଯ୍ୟକ୍ଷମ୍ କରାଯାଇଛେ । ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଇଟାକେ ଉଦ୍‌ଘାଟନ୍ କରିକରି କହିଛନ୍ ଯେ, ଇ ଏଟିଏମ୍‌ଥି ୨୪ ଘଂଟିଆ ଚାଉଲ୍ ଆଉ ଗହମ୍ ମିଲ୍‌ବା । ହେଲେ ଇଥିର୍‌ଲାଗି ହିତାଧିକାରୀମାନ୍‌କୁ ମିସିନ୍‌ଥି ବାୟୋମେଟ୍ରିକ୍, ରାସନ୍‌କାର୍ଡ଼ ଆର୍ ଆଧାର୍‌କାର୍ଡ଼ ବାବଦ୍ ସୂଚ୍‌ନା ଦେବାର୍‌କେ ପଡ୍‌ବା । ସାରା ରାଜ୍ୟର୍ ହିତାଧିକାରୀ ଇ ଏଟିଏମ୍‌ନୁ ଶସ୍ୟ ପାଇପାର୍‌ବେ ବଲି ମନ୍ତ୍ରୀ କହିଛନ୍ । ଶସ୍ୟ ଏଟିଏମ୍‌ର ସଫଲ୍ କାର୍ଯ୍ୟକାରିତାକେ ନେଇକରି ଖେପ୍ ଖେପ୍ କରି ରାଜ୍ୟର୍ ଅଲ୍‌ଗା ଜିଲ୍ଲାମାନ୍‌କେ ଶସ୍ୟ ଏଟିଏମ୍ ଖୁଲାଯିବା ।

ଦୃଷ୍ଟିବାଧିତ-ସ୍ୱତନ୍ତ୍ର ଧନ୍ଦାମୂଲକ୍ ତାଲିମ୍

ସୂଚନା ଲୋକସମ୍ପର୍କ ବିଭାଗ୍

ରାଏଜେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନ୍‌କର୍ ଲାଗି ସ୍ୱତନ୍ତ୍ର ଧନ୍ଦାମୂଲକ୍ ତାଲିମ୍ ଶିକ୍ଷାନୁଷ୍ଠାନ୍ କି ବିଶ୍ୱବିଦ୍ୟାଳୟ ଖୁଲ୍‌ବାର୍ ଲାଗି ଜାପାନ୍‌ର ସୁକୁବା ବିଶ୍ୱବିଦ୍ୟାଳୟର୍ ଅଧ୍ୟକ୍ଷ ରୁଇଚି ଆଓକି ରାଜ୍ୟ ସର୍‌କାର୍‌ଙ୍କୁ ପ୍ରସ୍ତାବ୍ ଦେଇଛନ୍ । ଆଏଜ୍ ଉପର୍‌ବେଲା ରୁଇଚି ଆଓକିଙ୍କର୍ ନେତୃତ୍ୱଥି ଗୁଟେ ୫ ଝନିଆ ପ୍ରତିନିଧି ଦଲ୍ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ବିଷ୍ଣୁପଦ ସେଠୀଙ୍କର୍ ସାଙ୍ଗେ ଇ ବାବ୍‌ଦେ ଆଲୋଚନା କରିଛନ୍ । ଇ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ନ ଉପଯୁକ୍ତ ଶିକ୍ଷା ଆଉ ତାଲିମ୍ ଦିଆଯାଇକରି ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଚାକିରୀ ସୁଯୋଗ୍ ସୃଷ୍ଟି କର୍‌ବାର୍‌ଟା ଇତାର୍ ମୁଖ୍ୟ ଉଦ୍ଦେଶ୍ୟ ବଲି ରୁଇଚି ଆଓକି କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଜାପାନ୍‌ର ସୁକୁବା ବିଶ୍ୱବିଦ୍ୟାଳୟ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନ୍‌କୁ ଭିନ୍ ଭିନ୍ ଧନ୍ଦାମୂଲକ୍ ଶିକ୍ଷା ଦେଉଛେ । ବିଶ୍ୱବିଦ୍ୟାଳୟନୁ ପାସ୍ ହେବାର୍ ଉତ୍‌ରୁ ପାଖାପାଖି ୪୦ ପ୍ରତିଶତ୍ ଛାତ୍ରଛାତ୍ରୀ ସୂଚନା ଆଉ ପ୍ରଯୁକ୍ତିବିଦ୍ୟା, ବୈଷୟିକ ଶିକ୍ଷା ଆଉ ମେଡ଼ିକାଲ୍ ବାଗିର୍ କ୍ଷେତ୍ର ନ ଚାକିରୀ ପାଉଛନ୍ ।

ଲୋକ୍‌ସଭା ଜଲ୍‌ଜୀବନ୍ ମିଶନ୍ ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ଗାଁଗହଲ୍ ଇଲାକା ନ ୭୭ ପ୍ରତିଶତ୍ ପରିବାର୍‌କେ ଜଲ୍‌ଜୀବନ୍ ମିଶନ୍ ଅଭିଯାନ୍‌ଥି ପାଇପ୍‌ଥି ପିଇବାର୍ ପାଏନ୍ ଦିଆଯାଇଛେ ବଲି ଜଲ୍‌ଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲ୍ କହିଛନ୍ । ଆଏଜ୍ ଲୋକ୍‌ସଭା ନ ଇ ବାବଦ୍ ଗୁଟେ ଅତିରିକ୍ତ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ୨୦୧୯ ମସିହାନୁ ମୁଲ୍ ହେଇଥିବା ଇ ଯୋଜ୍‌ନା ଅଧୀନ୍‌ଥି ଏବ୍‌ତକ୍ ୧୫ କୋଟି ପରିବାର୍‌କେ ପାଇପ୍‌ଥି ପିଇବାର୍ ପାଏନ୍ ଯୁଗେଇ ଦିଆଯାଇଛେ । ସେ କହିଛନ୍ ଯେ, ପାଇପ୍‌ଥି ପିଇବାର୍ ପାଏନ୍ ଯୁଗେଇ ଦେବାର୍‌ନୁ ୮ ଲାଖ୍ କୋଟି ନୁ ଅଏତ୍‌କା ଟଙ୍କା ସଂଚୟ କରାଯାଇପାରିଛେ ।

ବାତ୍ସ୍ୟଲ୍ୟ ମିଶନ୍ ଆର୍‌ଏନ୍‌ୟୁ/ କଟକ୍

ଛୁଆମାନ୍‌କର୍ ଯତନ୍, ସୁରକ୍ଷ ଆଉ ଥଇଥାନ୍ କର୍‌ବାର୍ ଲକ୍ଷ୍ୟଥି ସାରା ଦେଶେ ବାତ୍ସଲ୍ୟ ମିଶନ୍ କାର୍ଯ୍ୟକାରୀ କରାଯାଉଛେ ବଲି କେନ୍ଦ୍ର ମହିଳା ଆଉ ଶିଶୁ କଲ୍ୟାଣ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ । ରାଜ୍ୟସଭା ନ ପ୍ରଶ୍ନୋତର୍ ସମିଆଥି ସଦସ୍ୟ ନିରଞ୍ଜନ୍ ବିଶିଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ କହିଛନ୍ ଯେ, ଜିଲ୍ଲାସ୍ତର୍ ନ ଇ ମିଶନ୍‌କେ କାର୍ଯ୍ୟକାରୀ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଇଛେ । କେନ୍ଦ୍ର -ରାଜ୍ୟ ସର୍‌କାର୍‌ଙ୍କର୍ ସହଭାଗିତାଥି ଇ ମିଶନ୍ କାର୍ଯ୍ୟକାରୀ କରାଯାଉଛେ । ମିଶନ୍ ଅଧୀନ୍‌ଥି ଜିଲ୍ଲା ଶିଶୁ ସୁରକ୍ଷା

ସଂସ୍ଥାକେ କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ସିଧାସଲଖ୍ ଟଙ୍କା ଦିଆଯାଉଛେ । ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ-୨୦୧୫ ଅନ୍ସାରେ ରାଜ୍ୟ ସର୍କାର୍ ଜିଲ୍ଲାସ୍ତର୍ ନ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଥାପ୍ନା କରିଥିସନ୍ । ଇ ଆଇନ୍ ଅନ୍ସାରେ ଶିଶୁ ସୁରକ୍ଷା ଆଉ ସେମାନ୍କର୍ ଅଧୀକାର୍କେ କାର୍ଯ୍ୟକାରୀ ଇ ୟୁନିଟ୍ମାନେ ଦର୍କାରୀ ପଦକ୍ଷେପ୍ ନେଇଥିସନ୍ ବଲି ମନ୍ତ୍ରୀ କହିଛନ୍ । ସେ କହିଛନ୍ ଯେ, ଗଲା ମାର୍ଚ୍ଚ ଶେଷ୍ତକ୍ ୪ ହଜାର୍ ୪ ଶହ ୩୧ ଝନ୍ ଛୁଆକୁ ଭିନ୍ ଭିନ୍ ଅନୁଷ୍ଠାନ୍ ଜରିଏ ଆଉ ଇତାର୍ଛଡ଼ା ୩ ହଜାର୍ ୬ ଶହ ୯୭ ଝନ୍ ଛୁଆଙ୍କର୍ ଯତନ୍ ନିଆଯାଉଛେ ।

ରିଜର୍ଭ ବେଙ୍କ୍ ରେପେରେଟ୍ ଆର୍ଏନ୍ୟୁ/ କଟକ୍

ଭାରତୀୟ ରିଜର୍ଭ ବେଙ୍କ୍ ରେପୋରେଟ୍ ନାଇଁ ବଦ୍ଲେଇ । ଲଗାତାର୍ ୯ ନମ୍ବର୍ ଥର୍ ଲାଗି ରେପୋରେଟ୍ ୬ ଦଶ୍ମିକ୍ ୫ ଥି ଅପରିବର୍ତ୍ତିତ୍ ରହିଛେ ବଲି ଆର୍ବିଆଇ ଗଭର୍ଣ୍ଣର୍ ଶକ୍ତିକାନ୍ତ ଦାସ କହିଛନ୍ । ସେ କହିଛନ୍ ଯେ, ସେଥିର୍ଲାଗି ଋଣ ସୁଝ୍ବାର୍ ଇଏମ୍ଆଇଥି କେନ୍ସି ପରିବର୍ତନ୍ ନାଇଁ ହୁଏ । ଗଲାବଛର୍ ଫେବୃଆରୀ ମାସେ ରେପୋରେଟ୍ ଶେଷ୍ ଥର୍ ଲାଗି ଦଶ୍ମିକ୍ ୨/୫ ପ୍ରତିଶତ୍ ବଢ଼ିକରି ୬ ଦଶ୍ମିକ୍ ୫ କେ ପୁହୁଁଚିଥିଲା ।

ଆଳୁ ସ୍ଥିତି ଆଲୋଚନା          ଆର୍ଏନ୍ୟୁ/ କଟକ୍

ରାଏଜେ ଆଏବା ୨ ଦିନ୍ ଭିତ୍ରେ ଆଳୁ ଥିତି ସ୍ୱାଭାବିକ୍ ହେବା ବଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଆଳୁର୍ ଅଭାବ୍ ନେଇକରି ଡର୍ବାର୍ ନାଇଁ ନ ବଲି ସେ ରାଜ୍ୟର୍ ଲୁକ୍କୁ ପରାମର୍ଶ ଦେଇଛନ୍ । ସେ କହିଛନ୍ ଯେ, ପଶ୍ଚିମ ବଙ୍ଗ ଆଉ ଉତର୍ପ୍ରଦେଶ୍ନୁ ଆଳୁ ଆନ୍ବାର୍କେ ନେଇକରି ଆଲୋଚନା ଚାଲିଛେ । ଇତାର୍ ସକାରାତ୍ମକ ପ୍ରଭାବ୍ ନେଇକରି ସେ ଆଶ୍ କରିଛନ୍ । ପଶ୍ଚିମବଙ୍ଗନୁ  ଭୁବ୍ନେଶ୍ୱର୍ ଆଇଗିଣିଆ ନ ଥିବା କୁବେରପୁରୀ ଆଳୁ ଗୁଦାମ୍କେ ୫ ଟ୍ରକ୍ ଆଳୁ ପୁହୁଁଚିଛେ । ଉତର୍ପ୍ରଦେଶ୍ନୁ ଆଳୁ ଆସ୍ବାରକେ ଅପେକ୍ଷା କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ନାଇଁ ଖୁଲେ ନୂଆଁ ମଦ୍ ଦୁକାନ୍        ଆର୍ଏନ୍ୟୁ/ କଟକ୍

ରାଏଜେ ନୂଆଁ ମଦ୍ ଦୁକାନ୍ ଖୁଲ୍ବାର୍କେ ନେଇକରି ସର୍କାର୍ଙ୍କର୍ କେନ୍ସି ଯୋଜ୍ନା ନାଇଁ ନ ବଲି ଅବକାରୀ ଆଉ ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ କହିଛନ୍ । ସେ କହିଛନ୍ ଯେ, ରାଏଜେ ଚୋରା ମଦ୍ ଚାଲାଣ୍ ବନ୍ଦ୍ କର୍ବାର୍ ଖାସ୍ ପଦକ୍ଷେପ୍ ନିଆଯାଉଛେ । ଇଥିର୍ଲାଗି ସ୍ୱତନ୍ତ୍ର ନୀତି ବନାବାର୍ ଲାଗି ଇ ନିଷ୍ପତି ନିଆଯାଇଛେ ବଲି

ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । ରାଏଜେ କାର୍ଯ୍ୟକାରୀ ହେଉଥିବା ମଦ ନୀତିଥି ଦର୍କାରୀ ସଂଶୋଧନ୍ ହେବା ବଲି ସେ ସୂଚ୍ନା ଦେଇଛନ୍ ।

ହାଇଆଲର୍ଟ ଆର୍ଏନ୍ୟୁ/ କଟକ୍

ବାଂଲାଦେଶ୍ ନ ରାଜନୈତିକ୍ ଅସ୍ଥିରତା ଦେଖାଦେଇଥିବାର୍ନୁ ସମୁଦ୍ରକୂଲିଆ ଇଲାକାମାନ୍କେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଅନୁପ୍ରବେଶ୍କାରୀମାନ୍କୁ ରୋକ୍ବାର୍ ଲାଗି ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକାର୍ ୧୮ ଟା ସାମୁଦ୍ରିକ ଥାନା ତର୍ଫୁ ପେଟ୍ରୋଲିଂ ବ୍ୟବସ୍ଥା କରାଯାଉଛେ ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ ଷଡ଼ଙ୍ଗୀ କହିଛନ୍ ।

ଫାଇଲେରିଆ ସଚେତନତା ସମ୍ବଲପୁର୍/ ସୁବର୍ଣ୍ଣପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ନ ଫାଇଲେରିଆ ନିରାକରଣ୍ ଅଭିଯାନ୍ ଲାଗି ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଅଜାମ୍ବର୍ ମହାନ୍ତିଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ପ୍ରସ୍ତୁତି ବୈଠକ୍ଥି ଶହେ ପ୍ରତିଶତ୍ ଫାଇଲେରିଆ ଉଷୋ କେନ୍ତା ଖୁଆଯିବା ଆଉ କେନ୍ମାନେ କେନ୍ ଉଷୋ ଖାଏବେ ସେ ବିଷେ

ଆଲୋଚନା କରାଯାଇଥିଲା । ସାମୂହିକ୍ ଉଷୋ ଖାଏବାର୍ କାର୍ଯ୍ୟକ୍ରମ୍ ଲାଗି ମୋଟ୍ ୧୯ ଟା ଇମ୍ପିମେଂଟେସନ୍ ୟୁନିଟ୍ କରାଯାଇଛେ । ଇତାର୍‌ଛଡ଼ା ୩ ହଜାର୍ ୨ ଶହ ୩୧ ଝନ୍ ଡ୍ରଗ୍ ଏଡ୍‌ମିନିଷ୍ଟ୍ରେଟର୍ ନିଯୁକ୍ତ କରାଯାଇଥିବାର୍ ବେଲେ ୨ ଶହ ୯୭ ଝନ୍ ସୁପର୍‌ଭାଇଜର୍, ୮୦ ଟା ରେପିଡ୍ ରେସ୍‌ପନ୍ସ ଟିମ୍ ନିଯୁକ୍ତ କରାଯିବା ବଲି ବୈଠକ୍‌ଥି ନିଷ୍ପତି ହେଇଛେ ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଆଏଜ୍ ଫାଇଲେରିଆ ସଚେତନତା ଅଭିଯାନ୍ ମୁଲ୍ ହେଇଛେ । ଫାଇଲେରିଆକେ ଆଏତ୍ କର୍‌ବାର୍ ଲାଗି ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୬ ଟା ବ୍ଲକ୍‌ର ଗାଁଗହଲ୍ ନ ସଚେତନତା ରଥ ବୁଲ୍‌ବା ।

ବୌଦ୍ଧ ସାଁପ୍‌ଚବା ସଚେତନତା କାର୍ଯ୍ୟକ୍ରମ     ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପ୍ରାଣୀ କଲ୍ୟାଣ୍ ମଂଚ୍ ତର୍‌ଫୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାନେ ସାଁପ୍‌ଚବା ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ପ୍ରାଣୀ କଲ୍ୟାଣ୍ ମଂଚର୍ ଉପଦେଷ୍ଟା ସମୀର୍ କୁମାର୍ ସାହୁ ଯୋଗ୍ ଦେଇକରି ଭିନ୍ ଭିନ୍ ପ୍ରକାର୍ ସାଁପ୍‌ଚବାନୁ କେନ୍ତା ନିଜ୍‌କେ ରକ୍ଷା କରିପାର୍‌ବେ ସେ ବାବ୍‌ଦେ ସଚେତନ୍ କରିଥିଲେ । ଅନ୍ଧବିଶ୍ୱାସ୍ ନାଇଁ କରିକରି ସାଁପ୍ ଚାବିଥିବା

ଲୁକ୍‌କୁ ଡାକ୍ତରଖାନାକେ ନେଇକରି ଚିକିତ୍ସା ବ୍ୟବସ୍ଥା ଉପ୍‌ରେ ଛାତ୍ରଛାତ୍ରୀମାନ୍‌କୁ ବୁଝେଇଥିଲେ ।

ବୌଦ୍ଧ- ପି.ଏମ୍. ଅଜୟ ପ୍ରକଳ୍ପ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟର୍ ସଦ୍‌ଭାବନା ଗୃହ ନ ପି.ଏମ୍. ଅଜୟ ପ୍ରକଳ୍ପ ବାବଦ୍ ଗୁଟେ ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍‌ଥି ଅନୁସୂଚିତ ଜାତିର୍ ଲୋକ୍ ରହୁଥିବାର୍ ବୌଦ୍ଧ ବ୍ଲକ୍‌ର ୨ ଟା ଆର୍ ହର୍‌ଭଙ୍ଗା ବ୍ଲକ୍‌ର ୫ ଟା ପ୍ରକଳ୍ପକେ ମଞ୍ଜୁରୀ ଦିଆଯାଇଥିଲା । ସେନ୍ତା କଲ୍ୟାଣ୍ ବିଭାଗ୍ ପରିଚାଳିତ୍ ବିଦ୍ୟାଳୟମାନ୍‌କର୍ ଭିତିଭୂମିର ବିକାଶ୍ ଲାଗି ଦିଆଯାଇଥିବା ଅନୁଦାନ୍‌ର ସମୀକ୍ଷା କରାଯାଇଛେ ।

ନୂଆପଡ଼ା - ବର୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଆଏଜ୍ ୧୧ ଦଶ୍‌ମିକ ୯/୬ ମିଲିମିଟର୍ ବର୍ଷା ରେକର୍ଡ଼ ହେଇଛେ । ଜିଲ୍ଲାର୍ ବୋଡ଼େନ୍ ନ ୨ ମିଲିମିଟର୍, ଖଡ଼ିଆଲ୍ ନ ୧୦ ମିଲିମିଟର୍, କୋମ୍‌ନା ନ

୧୧, ନୂଆପଡ଼ା ର ୩୨ ଦଶ୍ମିକ୍ ୪, ସିନାପାଲି ର ୪ ଦଶ୍ମିକ୍ ୪ ମିଲିମିଟର୍ ବର୍ଷା ହେଇଛେ ।

ପଶ୍ଚିମବଙ୍ଗ୍ର ଆଘର୍ ମୁଖ୍ୟମନ୍ତ୍ରୀ-ପରଲୋକ ଆର୍ଏନ୍ୟୁ/ କଟକ୍

ପଶ୍ଚିମବଙ୍ଗ୍ର ଆଘର୍ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କର୍ କୋଲ୍କାତା ର ଥିବା ତାଙ୍କର୍ ଘରେ ଆଏଜ୍ ପରଲୋକ ହେଇଯାଇଛେ । ତାଙ୍କୁ ୮୦ ବଛର୍ ବୟସ୍ ହେଇଥିଲା । ଶ୍ୱାସରୋଗ୍ ଲାଗି ସେ ଚିକିତ୍ସିତ୍ ହେଉଥିଲେ । ତାଙ୍କର୍ ପରଲୋକ୍ଥି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ୍ କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଏକ୍ସ୍ଥି ପ୍ରଧାନ୍ମନ୍ତ୍ରୀ କହିଛନ୍ ଯେ, ଶ୍ରୀ ଭଟ୍ଟାଚାର୍ଯ୍ୟ ଝନେ ଆଗ୍ଧାଡ଼ିର୍ ରାଜନୈତିକ୍ ନେତା ଥିଲେ । ଯିଏ କି ପ୍ରତିବଦ୍ଧତାର୍ ସହେତେ କାମ୍ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବିୟୋଗ୍ଥି ଗଭୀର ଶୋକ ପ୍ରକାଶ୍ କରିଛନ୍ ।

ପାଣିପାଗ ଆର୍ଏନ୍ୟୁ/ କଟକ୍

ମୌସୁମୀ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଅଛ୍‌ରାକେ ଅଛ୍‌ରା ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ବର୍ଷାକେ ନେଇକରି ୯ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେ ସବୁ ଜିଲ୍ଲା ହେଉଛେ ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ସମ୍ବଲପୁର୍, ବର୍‌ଗଡ଼୍, ନବରଙ୍ଗପୁର୍, କୋରାପୁଟ୍,କଳାହାଣ୍ଡି, ନୂଆପଡ଼ା ଆର୍ ବଲାଙ୍ଗିର୍ । ଇ ସବୁ ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ୭ ନୁ ୧୧ ସେଂଟିମିଟର୍‌ତକ୍ ବର୍ଷା ହେଇପାରେ ।

ସେଆଡ଼େ ଗଲା ୨୪ ଘଂଟା ଭିତ୍‌ରେ ନବରଙ୍ଗ୍‌ପୁର୍ ନ ସବୁନୁ ଜହ ଶହେ ୩୪ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ ।